# Minister of State for External Affairs represents India as Special Envoy of the Prime Minister at the inauguration ceremony of the President of the Philippines

July 01, 2022

## ଫିଲିପାଇନ୍ସର ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ସମାରୋହରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୂତ ଭାବରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି

**ଜୁଲାଇ 01, 2022**

ଫିଲିପାଇନ୍ସ ସରକାରଙ୍କ ଆମନ୍ତ୍ରଣ କ୍ରମେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାଜକୁମାର ରଞ୍ଜନ ସିଂହ 30 ଜୁନ 2022 ରେ ମନିଲାରେ ଫିଲିପାଇନ୍ସର ରାଷ୍ଟ୍ରପତି ଭାବରେ ମାନ୍ୟବର ଶ୍ରୀ ଫର୍ଡିନାଣ୍ଡ ଆର ମାର୍କୋସ ଜୁନିଅରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଦୂତ ଭାବରେ ରାଷ୍ଟ୍ରମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

1 ଜୁଲାଇ 2022 ରେ ରାଷ୍ଟ୍ରପତି ମାର୍କୋସଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଷ୍ଟ୍ରମନ୍ତ୍ରୀ ତାଙ୍କୁ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦଙ୍କ ତରଫରୁ ଏକ ଅଭିନନ୍ଦନ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରପତି କୋବିନ୍ଦ ନିଜ ଚିଠିରେ ଫିଲିପାଇନ୍ସର ରାଷ୍ଟ୍ରପତି ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ରାଷ୍ଟ୍ରପତି ମାର୍କୋସଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ବିଶ୍ୱାସ ପ୍ରକଟ କରିଥିଲେ ଯେ ରାଷ୍ଟ୍ରପତି ମାର୍କୋସଙ୍କ ଦକ୍ଷ ନେତୃତ୍ୱରେ ଭାରତ-ଫିଲିପାଇନ୍ସ ସହଭାଗୀତା ଆହୁରି ବିସ୍ତୃତ ତଥା ସୁଦୃଢ ହେବ।

ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଷ୍ଟ୍ରମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କର ସାମ୍ପ୍ରତିକ ଗତିଶୀଳତାକୁ ଉଲ୍ଲେଖ କରିଥିଲେ ଏବଂ ଆମର ବିକାଶମୂଳକ ଆକାଂକ୍ଷା ଓ ଜାତୀୟ ସୁରକ୍ଷା ଲକ୍ଷ୍ୟକୁ ନେଇ ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ଗଭୀର କରିବା ପାଇଁ ଫିଲିପାଇନ୍ସର ନୂତନ ସରକାର ସହିତ କାର୍ଯ୍ୟ କରିବାକୁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଏହି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ଫିଲିପାଇନ୍ସର ସକ୍ରିୟ ଭାରତୀୟ ସମୁଦାୟର ପ୍ରତିନିଧିମାନଙ୍କ ସହ ମଧ୍ୟ ବାର୍ତ୍ତାଳାପ କରିଥିଲେ।

**ମନିଲା**

**ଜୁଲାଇ 01, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.